# NATIONAL NEWS BULLETIN (ODIA)

## 24 September - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସଫଳ, ସୂଚନା ଦେଲେ ବୈଦେଶିକ ସଚିବ ବିକ୍ରମ ମିସ୍ରୀ ।

- ବିଧାୟକମାନଙ୍କ ଦକ୍ଷତା ଏବଂ କାର୍ଯ୍ୟକଳାପରେ ସୁଧାର ଆଣିବା ଉପରେ ବାଚସ୍ପତି ଓମ୍ ବିର୍ଲାଙ୍କ ଗୁରୁତ୍ୱ ପ୍ରଦାନ ।

- ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ।

- ଆଜି ଠାରୁ ୫ ଦିନିଆ ଉଜ୍‌ବେକିସ୍ତାନ ଗସ୍ତରେ ଯିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ଦେଶରେ ମଙ୍କିପକ୍ସର କ୍ଲେଡ୍ ୱାନ୍ ବି ଭାରିଆଣ୍ଟ ସଂକ୍ରମିତ, ପ୍ରଥମ ରୋଗି ଚିହ୍ନଟ ।

## ବିଦେଶ ମନ୍ତ୍ରଣାଳୟ-ବ୍ରିଫିଂ

ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସଫଳ ହୋଇଛି । ନ୍ୟୁୟର୍କରେ ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ବୈଦେଶିକ ସଚିବ ବିକ୍ରମ ମିସ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ଆୟୋଜିତ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି, ଭାରତୀୟ ଆମେରିକୀୟ ସମୁଦାୟ ଦୃଢ଼ ସଂପର୍କ ସ୍ଥାପନ କରିଛନ୍ତି । ବିଦେଶ ସଚିବ କହିଛନ୍ତି, ଅମେରିକାରେ ରହିଥିବା ଭାରତୀୟ ବଂଶୋଦ୍ଭବ ଉଭୟ ଦେଶ ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ମହତ୍ୱପୂର୍ଣ୍ଣ ବୋଲି ମନେ କରନ୍ତି । ସେ କହିଛନ୍ତି, ଶ୍ରୀ ମୋଦୀଙ୍କ ଯାତ୍ରା ଉଦ୍ୟୋଗ ବିକାଶ କ୍ଷେତ୍ରରେ ସଫଳ ହୋଇଥିବା କ୍ୱାଡ୍ ସଂଯୁକ୍ତ ବକ୍ତବ୍ୟ, ଭାରତ-ଆମେରିକା ଦ୍ୱିପକ୍ଷିୟ ବକ୍ତବ୍ୟ ଓ ମୁଖ୍ୟ ପରିଚାଳନା ଅଧିକାରୀମାନଙ୍କ ସହ ବିଚାର ବିମର୍ଷରୁ ସ୍ପଷ୍ଟ ହୋଇଛି ।

ଶ୍ରୀ ମିସ୍ରି କହିଛନ୍ତି, ମୁଖ୍ୟ ପରିଚାଳନା ଅଧିକାରୀମାନଙ୍କ ସହ ବିଚାରବିମର୍ଷରେ ବିଶେଷ କରି କୃତ୍ରିମ ବୁଦ୍ଧିମତା ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ଭାରତରେ ବ୍ୟବସାୟ ନିମନ୍ତେ ଉତ୍ସାହ ପ୍ରକାଶ ପାଇଥିବା ଜଣାପଡ଼ିଛି । ବିଦେଶ ସଚିବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରା ଯୋଗୁଁ ଦ୍ୱିପକ୍ଷିୟ ଏବଂ ବହୁପକ୍ଷିୟ ସମ୍ପର୍କରେ ଦୃଢ଼ତା ଆସିଛି । ଏହି ଗସ୍ତ କାଳରେ

ପ୍ରଧାନମନ୍ତ୍ରୀ ବିଭିନ୍ନ ବିଶ୍ୱ ନେତାଙ୍କ ସହ ଦ୍ୱିପାକ୍ଷିୟ ବୈଠକ କରିଥିଲେ । ଶ୍ରୀ ମିସ୍ରି କହିଛନ୍ତି, ନେପାଳ ପ୍ରଧାନମନ୍ତ୍ରୀ ଓ ଶ୍ରୀ ମୋଦୀଙ୍କ ମଧ୍ୟରେ ହୋଇଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ଏବଂ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ ପାଇଥିଲା । କୁଏତ୍‌ର ଯୁବରାଜଙ୍କ ସହ ହୋଇଥିବା ବୈଠକରେ ଉଭୟ ଦେଶ ଆଗାମୀ ଦିନ ଲାଗି ବିଚାରବିମର୍ଷ କରିଥିଲେ ।

ପାଲେଷ୍ଟାଇନ୍ ରାଷ୍ଟ୍ରପତିଙ୍କ ସହ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଗାଜାରେ ଉପୁଜିଥିବା ସଂକଟ ନେଇ ଚିନ୍ତାବ୍ୟକ୍ତ କରିଥିଲେ । ଶ୍ରୀ ମୋଦୀ କହିଥିଲେ, ଉଭୟ ଦେଶ ମଧ୍ୟରେ ବିବାଦର ସମାଧାନ ହେଲେ ସଂପୃକ୍ତ ଅଞ୍ଚଳରେ ସ୍ଥାୟୀ ରୂପେ ଶାନ୍ତି ସ୍ଥାପନ ହୋଇପାରିବ । ପାଲେଷ୍ଟାଇନ୍ ରାଷ୍ଟ୍ରପତି ଭାରତଠାରୁ ମିଳିଥିବା ସହଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଭାରତ ସ୍ଥାୟୀ ରୂପେ ଶାନ୍ତି ସ୍ଥାପନ ନିମନ୍ତେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା ପୋଷଣ କରିଥିଲେ ।

ଶ୍ରୀ ମିସ୍ରି କହିଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନ୍‌ସ୍କିଙ୍କ ସହ ହୋଇଥିବା ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୁଦ୍ଧ ଶେଷ କରିବା ନିମନ୍ତେ ଉପାୟ ବାହାର କରିବା ଲାଗି ଯେଉଁ ପ୍ରୟାସ କରୁଛନ୍ତି, ସେଥିଲାଗି ସେ କୃତଜ୍ଞତା ଜ୍ଞାପନ କରିଥିଲେ ।

ଜାତିସଂଘ ସୁରକ୍ଷା ପରିଷଦରେ ଅଗ୍ରଗତି ସମ୍ପର୍କରେ ବୈଦେଶିକ ସଚିବ କହିଛନ୍ତି, ପ୍ରଥମଥର ଜାତିସଂଘ ଶିଖର ସମ୍ମିଳନୀରେ ଏ ନେଇ ଏକ ସ୍ୱତନ୍ତ୍ର ପ୍ରସଙ୍ଗ ସାମିଲ କରାଯାଇଛି । ଭାରତ ଏ ଦିଗରେ ଏକ

ତଥ୍ୟପୂର୍ଣ୍ଣ ବିଚାର ଆଲୋଚନା ଆରମ୍ଭ ହେବା ନେଇ ଅପେକ୍ଷା କରିଛି ବୋଲି ଶ୍ରୀ ମିସ୍ରି କହିଛନ୍ତି ।

## ସଂସଦ ସମ୍ମିଳନୀ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଧାୟକମାନଙ୍କ ଦକ୍ଷତା ଏବଂ କାର୍ଯ୍ୟକଳାପରେ ସୁଧାର ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଦୁଇଦିନିଆ ଦଶମ ରାଷ୍ଟ୍ର ମଣ୍ଡଳ ସଂସଦୀୟ ସଂଘ ଭାରତ ଅଞ୍ଚଳର ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ବିର୍ଲା କହିଛନ୍ତି, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ । ସେ କହିଛନ୍ତି, ଲୋକଙ୍କ ନୀତିଦିନିଆ ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜ୍ଞାନକୌଶଳକୁ ଉପଯୋଗ କରି ଜନପ୍ରତିନିଧିମାନେ ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଉପାୟ ବାହାର କରିବା ଆବଶ୍ୟକ । ସମାବେଶୀ ବିକାଶ ଏବଂ ଶାସନ ନିମନ୍ତେ ଲୋକତାନ୍ତ୍ରିକ ସଂସ୍ଥାନ ଓ କାର୍ଯ୍ୟପାଳିକା ନିଜର ଭୂମିକା ଦୃଢ଼ତାର ସହ ସମ୍ପନ୍ନ କରିବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱପ୍ରଦାନ କରିଛନ୍ତି ।

ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୬ ଜଣ ବାଚସ୍ପତି, ୨୫ ଜଣ ଅଧ୍ୟକ୍ଷ ଏବଂ ୧୪ ଜଣ ଉପାଧ୍ୟକ୍ଷ ଭାଗ ନେଇଛନ୍ତି ।

ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ସମାବେଶୀ ବିକାଶ ନିମନ୍ତେ ବ୍ୟବସ୍ଥାପକର ଭୂମିକା' ।

## ସରକାର-ମହିଳା ବିକାଶ

ତୃତୀୟଥର କ୍ଷମତାକୁ ଆସିବା ପରେ କେନ୍ଦ୍ର ସରକାର ପ୍ରଥମ ୧୦୦ ଦିନ ପୂରଣ କରିଛନ୍ତି । ଏହି ସମୟ ମଧ୍ୟରେ ଭିତ୍ତିଭୂମି ନିର୍ମାଣ, ସାମାଜିକ କଲ୍ୟାଣ, ମଧ୍ୟମବର୍ଗ, କୃଷକ ଏବଂ ମହିଳାଙ୍କ ବିକାଶ ନିମନ୍ତେ ୧୫ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଇଛି । ବିଶେଷ ଭାବେ ଗ୍ରାମାଞ୍ଚଳ ଏବଂ ଆର୍ଥିକ ଭାବେ ଅବହେଳିତ ମହିଳାଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

## ଉପରାଷ୍ଟ୍ରପତି-ୟୁପି ଟ୍ରେଡ୍ ଶୋ

ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରେ ହେବାକୁ ଥିବା ଆନ୍ତର୍ଜାତିକ ବାଣିଜ୍ୟମେଳାର ଦ୍ୱିତୀୟ ସଂସ୍କରଣକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ଉଦ୍‌ଘାଟନ କରିବେ । ଏହି ପାଞ୍ଚ ଦିନିଆ ବାଣିଜ୍ୟ ମେଳା ଚଳିତ ମାସ ୨୯ ତାରିଖରେ ଶେଷ ହେବ । ମେଳାରେ ଉତ୍ତରପ୍ରଦେଶର ବ୍ୟବସାୟ ଏବଂ ସଂସ୍କୃତି ସମ୍ବନ୍ଧିତ ପ୍ରଦର୍ଶନ ଅନୁଷ୍ଠିତ ହେବ । ଏହି ଶୋ'ରେ ଭିଏତନାମ ସକ୍ରିୟ ଅଂଶଗ୍ରହଣ କରିବ । ଗତବର୍ଷ ଏହି ବାଣିଜ୍ୟ ମେଳାର ପ୍ରଥମ ସଂସ୍କରଣକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ ।

## ଜାମ୍ମୁକାଶ୍ମୀର ନିର୍ବାଚନ

ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୫ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ । ଏଥିରେ ଜାମ୍ମୁର ରିଆସି, ରାଜୌରୀ ଏବଂ ପୁଞ୍ଛ ତଥା କାଶ୍ମୀର ଘାଟିର ଶ୍ରୀନଗର ଏବଂ ବଡ଼ଗାମ ଜିଲ୍ଲା ରହିଛି । ଏହି ପର୍ଯ୍ୟାୟରେ ୨୫ଲକ୍ଷ ୭୮ ହଜାରରୁ ଅଧିକ ମତଦାତା ୩୯ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଥିଲାଗି ଗତ ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଜାମ୍ମୁ କାଶ୍ମୀରରେ ତିନୋଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ କରାଯାଉଛି । ଭୋଟ୍ ଗ୍ରହଣ ପରେ ଅକ୍ଟୋବର ୮ ତାରିଖରେ ମତଗଣନା ହେବ । ଗତ ୧୮ ତାରିଖ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୧ ପ୍ରତିଶତ ମତଦାନ ହୋଇଥିଲା । ଆସନ୍ତା ଅକ୍ଟୋବର ୧ରେ ତୃତୀୟ ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ।

## ଅର୍ଥମନ୍ତ୍ରୀ-ଉଜ୍‌ବେକିସ୍ତାନ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ୫ ଦିନିଆ ଗସ୍ତରେ ଉଜ୍‌ବେକିସ୍ତାନ ଯାତ୍ରା କରିବେ । ଏହି ଯାତ୍ରା କାଳରେ ଅର୍ଥମନ୍ତ୍ରୀ ଆସନ୍ତାକାଲି ୦ ଗୁରୁବାର ସମରକନ୍ଦ ଠାରେ ଏସିଆନ୍ ଏନ୍‌ଫ୍ରାଷ୍ଟ୍ରକଚର୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍‌ର ପରିଚାଳନା କମିଟିର ନବମ ବାର୍ଷିକ

ବୈଠକରେ ଭାଗ ନେବେ । ଶ୍ରୀମତୀ ସୀତାରମଣ ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ଦ୍ୱିପକ୍ଷିୟ ନିବେଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିବେ ।

ଅର୍ଥମନ୍ତ୍ରୀ ଉଜ୍‌ବେକିସ୍ତାନ, କତାର ଏବଂ ଚୀନ୍‌ର ଅର୍ଥମନ୍ତ୍ରୀ ଏବଂ ଏ.ଆଇ.ଆଇ.ବି.ର ଅଧ୍ୟକ୍ଷକଙ୍କ ସହ ଦ୍ୱିପକ୍ଷିୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଯାତ୍ରା ସମୟରେ ଶ୍ରୀମତୀ ସୀତାରମଣ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ସୌକତ ମିର୍ଜିୟୋୟେବଙ୍କ ସହ ସାକ୍ଷାତ ଆଲୋଚନା କରିବେ ଏହା ବ୍ୟତୀତ ଅର୍ଥମନ୍ତ୍ରୀ ସୀତାରମଣ ସମରକନ୍ଦ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ଲାଲବାହାଦୂର ଶାସ୍ତ୍ରୀ ସ୍ମାରକ ପରିଦର୍ଶନ କରିବେ । ସେଠାରେ ଭାରତୀୟ ବଂଶୋଦ୍ଭବଙ୍କ ସହ ସେ ଆଲୋଚନାର କରିବାର କାର୍ଯ୍ୟସୂଚୀ ରହିଛି ।

## ବୈଷ୍ଣବ-ରାଜସ୍ଥାନ ଯାତ୍ରା

କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାଜସ୍ଥାନ ଗସ୍ତରେ ଯିବେ । ଶ୍ରୀ ବୈଷ୍ଣବ ଜୟପୁର ଠାରେ ବିଜେପି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପରେ ସେ ଦଳର ପ୍ରଦେଶ ମହିଳା ମୋର୍ଚ୍ଚା ଦ୍ୱାରା ଆୟୋଜିତ ସଦସ୍ୟତା ଅଭିଯାନରେ ଅଂଶଗ୍ରହଣ କରିବେ । ଶ୍ରୀ ବୈଷ୍ଣବ ଗାନ୍ଧିନଗର ରେଳଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ନିରୀକ୍ଷଣ କରିବା ସହ ସବାଇ ମାଧୋପୁର ରେଳ ଷ୍ଟେସନ୍‌ରୁ ସୁମେରଗଞ୍ଜ ମଣ୍ଡି ପର୍ଯ୍ୟନ୍ତ ରେଳ ଯାତ୍ରା

କରିବେ । ଏହି ରେଳ ଯାତ୍ରା ସମୟରେ ଶ୍ରୀ ବୈଷ୍ଣବ ରେଳ ଟ୍ରାକ୍ ସୁରକ୍ଷା ପ୍ରଣାଳୀ-କବଚର ନିରିକ୍ଷଣ କରିବାର କାର୍ଯ୍ୟକ୍ରମ ରହିଛି ।

## ମଙ୍କିପକ୍ସ-କ୍ଲେଡ୍ ୱାନ୍ ବି

ଦେଶରେ ମଙ୍କିପକ୍ସର କ୍ଲେଡ୍ ୱାନ୍ ବି ଭାରିଆଣ୍ଟ ସଂକ୍ରମିତ ପ୍ରଥମ ରୋଗି ଚିହ୍ନଟ ହୋଇଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ ଗତ ସପ୍ତାହରେ ୟୁ.ଏ.ଇ.ରୁ କେରଳ ଆସିଥିବା ଜଣେ ଯୁବକ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ସଂକ୍ରମିତଙ୍କ ଅବସ୍ଥା ସ୍ଥିର ରହିଛି ଏବଂ ତାଙ୍କୁ ନିରିକ୍ଷଣରେ ରଖାଯାଇଛି ।

ସୂଚନା ଅନୁଯାୟୀ ମଙ୍କିପକ୍ସ ସଂକ୍ରମଣ ଏକ ମାମୁଲି ସଂକ୍ରମଣ, ଯାହା ୨ରୁ ୪ ସପ୍ତାହ ପର୍ଯ୍ୟନ୍ତ ରହିଥାଏ । ସାଧାରଣ ଚିକିତ୍ସା ବ୍ୟବସ୍ଥାରେ ଏହି ରୋଗ ଭଲ ହୋଇଥାଏ ।

## ବଦଲାପୁର ଉତ୍ପୀଡ଼ିନ ମାମଲା

ବଦଲାପୁର ଯୌନ ଶୋଷଣ ମାମଲାରେ ଅଭିଯୁକ୍ତର ପୋଲିସ୍ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି । ପ୍ରାଥମିକ ସୂଚନା ଅନୁଯାୟୀ ୨୩ ବର୍ଷୀୟ ଅଭିଯୁକ୍ତ ସଂଜୟ ସିନ୍ଦେକୁ ଯାଞ୍ଚ୍ ନିମନ୍ତେ ତଲୋଜା ଜେଲ୍‌ରୁ ବଦଲାପୁର ନିଆଯାଉଥିବା ବେଳେ, ସେ ପୋଲିସ୍ ଠାରୁ ବନ୍ଧୁକ ଛଡ଼ାଇ ନେବା ସହ ଜଣେ ପୋଲିସ୍ ଅଧିକାରୀ ଉପରକୁ ଗୁଳି ଚଳାଇଥିଲା ।

ପୋଲିସ୍ ହେପାଜତରୁ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ଗୁଳିରେ ତାର ମୃତ୍ୟୁ ଘଟିଥିଲା । ଅଭିଯୁକ୍ତ ସିନ୍ଦେଙ୍କୁ ଗତ ମାସରେ ଏକ ସ୍କୁଲ୍ ପରିସରେ ଦୁଇ ନାବାଳିକାଙ୍କ ସହ ଦୁର୍ବ୍ୟବହାର ମାମଲାରେ ଗିରଫ୍ କରାଯାଇଥିଲା । ରାଜ୍ୟ ସରକାର ଏହି ମାମଲାରେ ଏକ ସ୍ୱତନ୍ତ୍ର ଯାଞ୍ଚ ଦଳ ଗଠନ କରିଥିଲେ । ମୁମ୍ବାଇରେ ସମ୍ବାଦଦାତାମାନଙ୍କ ସହ ଆଲୋଚନା ସମୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି, ପୋଲିସ୍ ଆତ୍ମରକ୍ଷା ନିମନ୍ତେ ଗୁଳି କରିବାରୁ ଅଭିଯୁକ୍ତର ମୃତ୍ୟୁ ଘଟିଛି ।

## ପାକିସ୍ତାନ ଡିଜି-ଆଇଏସ୍ଆଇ

ପାକିସ୍ତାନ ସରକାର ଲେଫ୍ଟନାଣ୍ଟ ଜେନେରାଲ୍ ମହମ୍ମଦ ଅସୀମ ମଲିକଙ୍କୁ ଆଇ.ଏସ୍.ଆଇ. ପ୍ରମୁଖ ଭାବେ ନିଯୁକ୍ତ କରିଛନ୍ତି । ଆଇ.ଏସ୍.ଆଇ. ଘୋଷଣା ମୁତାବକ ଲେଫ୍ଟନାଣ୍ଟ ଜେନେରାଲ୍ ମଲିକ ପାକିସ୍ତାନର ଆଇ.ଏସ୍.ଆଇ. ପ୍ରମୁଖ ଭାବେ ନଦୀମ ଅଞ୍ଜୁମଙ୍କ ସ୍ଥାନରେ ଯୋଗଦେବେ ଏବଂ ଆସନ୍ତା ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ । ଶ୍ରୀ ମଲିକ ବଜିରିସ୍ତାନର ବେଲୁଚିସ୍ତାନ ଇନ୍‌ଫାଣ୍ଟ୍ରି ଡିଭିଜନ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।

## ଶ୍ରୀଲଙ୍କା ରାଷ୍ଟ୍ରପତି

ଶ୍ରୀଲଙ୍କାର ନବମ ରାଷ୍ଟ୍ରପତି ଭାବେ ଅନୁରା କୁମାର ଦିସାନାୟକ ଗତକାଲି ଶପଥ ଗ୍ରହଣ କରିବା ପରେ ଆଜି ନୂଆ ମନ୍ତ୍ରିମଣ୍ଡଳ ଶପଥ

ଗ୍ରହଣ କରିବାର ସମ୍ଭାବନା ରହିଛି । ମନ୍ତ୍ରିମଣ୍ଡଳରେ ହରିନି ଅମରସୂର୍ଯ୍ୟା, ବିଜିଥା ହେରାଥ ଏବଂ ଲକ୍ଷ୍ମଣ ନିପୁଣ ଅର୍ଚ୍ଚି ସାମିଲ ହେବାର ସମ୍ଭାବନା ରହିଛି ।

ନୂଆ ରାଷ୍ଟ୍ରପତି ଦେଶର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । ଶ୍ରୀଲଙ୍କାର ଦୁର୍ବଳ ଅର୍ଥ ବ୍ୟବସ୍ଥାକୁ ବିଶ୍ୱ ସହଯୋଗରେ ପ୍ରଭାବଶାଳୀ କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଇତିମଧ୍ୟରେ ରାନିଲ ବିକ୍ରମା ସିଂଘେଙ୍କ ପରାଜୟ ପରେ ପ୍ରଧାନମନ୍ତ୍ରୀ ଦିନେଶ ଗୁଣବର୍ଦ୍ଧନେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।